# Akashvani, Sambalpur

# SAMBALPURI NEWS BULLETIN

## 28 July 2024- 6.47- 6.52 am.

*********************************************

ମନ୍ କି ବାତ୍        ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ବାସୀଙ୍କୁ ସମ୍ବୋଧନ୍ କର୍ବେ । ଇଟା ତାଙ୍କର୍ ଶହେ ୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଲଗାତାର୍ ୩ ନମ୍ବର୍ ଥର୍ ପ୍ରଧାନ୍ମନ୍ତ୍ରୀ ହେଲା ଉତ୍ରୁ ଇଟା ତାକର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ର ୨ ନମ୍ବର୍ ସଂସ୍କରଣ୍ ହେବା ।

ଇ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ରୁ ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍ଓ ଅଫିସ୍ର ୟୁ-ଟ୍ୟୁବ୍ ଚେନାଲ୍ରୁ ଭିଲ୍ ଶୁନାଯାଇପାର୍ବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଳିକ୍ ଭାଷାରୁ ଇତାର୍ ପ୍ରସାରଣ୍ କରାଯିବା ।

ନୀତି ଆୟୋଗ୍- ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ଆଉ ରାଜ୍ୟ ମାନ୍‌କର୍ ସାମୂହିକ୍ ପ୍ରୟାସ୍ ବିକଶିତ ଭାରତ୍ - ୨୦୪୭ ସପନ୍‌କେ ସାକାର୍ କର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଗଲାକାଏଲ୍ ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍‌ର ସଂସ୍କୃତି କେନ୍ଦ୍ର ନ ନୀତି ଆୟୋଗ୍‌ର ୯ ନମ୍ବର୍ ପରିଚାଳନା ପରିଷଦ୍ ବୈଠକ୍‌କେ ସମ୍ବୋଧି ତ୍ କରିକରି ସେ କହିଛନ୍ ଯେ, ବିକଶିତ୍ ଭାରତ୍ ୨୦୪୭ ଫି ଭାରତୀୟଙ୍କର୍ ଲକ୍ଷ୍ୟ ଆଏ । ସିଧାସଲଖ୍ ଲୋକ୍‌ମାନ୍‌କର୍ ସାଙ୍ଗେ ଜୁଡ଼ି ହେଇକରି ଥିବାର୍‌ନୁ ରାଜ୍ୟମାନେ ଇ ଲକ୍ଷ୍ୟ ହାସଲ୍ ଦିଗେ ସକ୍ରିୟ ଭୂମିକା ନେଇପାର୍‌ବେ । ଇ ଦଶନ୍ଧି ପରିବର୍ତନ୍, କାରିଗରୀ ଜ୍ଞାନ୍‌କୌଶଲ୍, ଭୌଗୋଲିକ୍ -ରାଜନୈତିକ ଆର୍ ସୁଯୋଗ୍‌ର ଆଏ । ଭାରତ୍‌କେ ସେ ସୁଯୋଗ୍ ନେବାର୍‌କେ ଆନ୍ତର୍ଜାତିକ ନିବେଶ୍ ଅନୁକୂଳ ନୀତି ବନାବାର୍‌କେ ପଡ଼୍‌ବା ।

ଓଡ଼ିଶାର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବୈଠକ୍‌ଥି ଯୋଗ୍ ଦେଇକରି ରାଏଜେ ବଡ଼୍ ବନ୍ଦର୍ ଭିତିକ ଶିଳ୍ପ ଜୋନ୍ ଥାପ୍‌ନା ଭିନ୍ ଭିନ୍ ପ୍ରକଳ୍ପ ଲାଗି ବଜେଟ୍ ଆଉର୍ ଭିତିଭୂମି ଲାଗି ମଞ୍ଜୁରୀ ଦେବାର୍‌କେ କେନ୍ଦ୍ରର୍ ସହଯୋଗ୍ ମାଗିଛନ୍ । ଇତାର୍‌ସଙ୍ଗେ

ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍, ଟେଲିକମ୍ ଭିତିଭୂମି ବେଙ୍କ୍ ନାଇଁଥିବା ପଂଚାୟତ୍‌ମାନ୍‌କୁ ଏଟିଏମ୍ ବ୍ୟବସ୍ଥା ବାବ୍‌ଦେ ଭିଲ୍ ମୁଖ୍ୟମନ୍ତ୍ରୀ ଦାବି ରଖିଛନ୍ ।

ନୂଆଁ ରାଜ୍ୟପାଲ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୯ ଟା ରାଜ୍ୟର୍ ଲାଗି ନୂଆଁ ରାଜ୍ୟପାଲ୍ ନିଯୁକ୍ତ କରିଛନ୍ । ସେ ରାଜ୍ୟମାନେ ହେଲା ପଞ୍ଜାବ୍, ରାଜସ୍ଥାନ୍, ତେଲେଙ୍ଗାନା, ଝାର୍‌ଖଣ୍ଡ୍, ଛତିଶ୍‌ଗଡ୍, ସିକିମ୍, ମେଘାଲୟ, ଆସାମ୍ ଆର୍ ପୁଡୁଚେରୀ ।

ମୁଖ୍ୟମନ୍ତ୍ରୀ- ଆଲୁ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟକେ ପଶ୍ଚିମବଙ୍ଗନୁ ଆଲୁ ଆସ୍‌ବାର୍ ପ୍ରକ୍ରିୟା ସ୍ୱାଭାବିକ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଜନେଇଛନ୍ । ମୁଖ୍ୟମନ୍ତ୍ରୀ ଗଲାକାଏଲ୍ ନୂଆଦିଲ୍ଲୀ ନ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିକରି ଆଲୁ ଯୋଗାଣ ସମସ୍ୟାର୍ ସମାଧାନ୍ ବାବ୍‌ଦେ ଆଲୋଚନା କରିଥିଲେ ।

କେନ୍ଦ୍ର କୁଇଲା, ଖଣି ରାଷ୍ଟ୍ରମନ୍ତ୍ରୀ-ସମ୍ବଲପୁର

ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର କୁଇଲା ଆଉ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ୍ ଚନ୍ଦ୍ର ଦୁବେ ୨ ଦିନିଆ ଓଡ଼ିଶା ଗସ୍ତ ନ ଆସିକରି ଗଲାରାତି ସମ୍ବଲ୍‌ପୁର୍ ପୁହୁଁଚିଛନ୍ । ସେ ଆଏଜ୍ ଇନ ଗୁଟେ ସାମ୍ବାଦିକ୍ ସମ୍ମିଲନୀ କର୍‌ବାର୍ ସଙ୍ଗେ ମହାନଦୀ କୁଇଲା କମ୍ପାନୀ ଏମ୍‌ସିଏଲ୍‌ର ମୁଖ୍ୟାଳୟ ନ ଗୁଟେ ସମୀକ୍ଷା ବୈଠକ୍ କର୍‌ବାର୍ ସହେତେ ଝାର୍‌ସୁଗୁଡ଼ା ଜିଲ୍ଲାର୍ ଲଖନ୍‌ପୁର୍ ଖଣି ଇଲାକା ଗସ୍ତ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ମନ୍ତ୍ରୀ ଶ୍ରୀ ଦୁବେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ନାଲ୍‌କୋ କର୍ପୋରେଟ୍ ଅଫିସ୍‌ଥି ସମୀକ୍ଷା ବୈଠକ୍ କର୍‌ବାର୍ ସହେତେ ଅନୁଗୁଲ୍ ନ ନାଲ୍‌କୋ ପ୍ଲାଂଟ୍ ବୁଲିକରି ଦେଖିଥିଲେ । ଆଏବା ଦିନେ ନାଲ୍‌କୋର ସମ୍ପ୍ରସାରଣ୍ କରାଯିବା ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ହୀରାକୁଦ୍ ଜଲ୍‌ଭଣ୍ଡାର ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଡେମ୍ ଜଲ୍ଭଣ୍ଡାର୍ନୁ  ଆଏଜ୍ ଇ ବଛର୍ର୍ ପହେଲା ବଢ଼ିପାଏନ୍ ଛଡ଼ାଯିବା । ସଖାଲର୍ ୯ ବଜେ ପୂଜାପାଠ୍ ଉତ୍ରୁ ଡେବ୍ରିଫାଲର୍ ସ୍ପିଲ୍ୱେର୍ ୭ ନମ୍ବର୍ ଗେଟ୍ ଦେଇକରି ଇ ବଛର୍ର୍ ପହେଲା ବଢ଼ିପାଏନ୍ ଛଡ଼ାଯିବା ଆର୍ ଖେପ୍ ଖେପ୍ କରି ପାଖାପାଖି ୫ ଟା ଗେଟ୍ ଖୁଲ୍ବାର୍କେ ଯୋଜ୍ନା କରାଯାଇଛେ । ହେଥିର୍ଲାଗି ଜଲ୍ସମ୍ପଦ୍ ବିଭାଗ୍ ତର୍ଫୁ ପ୍ରସ୍ତୁତି ସରିଥିବାର୍ ବେଲେ ଡେମ୍ର ତଲ୍ମୁଡ଼େ ଥିବା ୧୪ ଟା ଜିଲ୍ଲାର୍ ଜିଲ୍ଲା ପ୍ରଶାସନ୍କେ ସତର୍କ ସୂଚ୍ନା ଜାରି କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଏଜ୍ ସଖାଲର୍ ୬ ବଜେତକ୍ ହୀରାକୁଦ୍ ଡେମ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୧୬ ଦଶ୍ମିକ ୯/୩ ଫୁଟ୍ ରହିଛେ । ଫି ସେକେଣ୍ଡ୍ଥି ଜଲ୍ଭଣ୍ଡାର୍କେ ୩ ଲାଖ୍ ୧୬ ହଜାର୍ ୬ ଶହ ୧୧ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡଥି ୪୦ ହଜାର୍ ଶହେ ୨୬ ଘନଫୁଟ୍ ପାଏନ୍ ଡେମ୍ନୁ ଛଡ଼ାଯାଉଛେ ।

ଯୁକ୍ତ ଦୁଇ        ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଉଚ୍ଚମାଧ୍ୟମିକ ଯୁକ୍ତ ଦୁଇ ଶ୍ରେଣୀର୍ ପହେଲା ଖେପ୍ ନାଁଲେଖା ସରିଛେ । ଇ ଖେପେ ୩ ଲାଖ୍ ୫୫ ହଜାର୍ ନୁ ଅଏଡ୍‌କା ଛାତ୍ରଛାତ୍ରୀ ନାଁ ଲେଖେଇଛନ୍ ।

ସତ୍ୟନାରାୟଣ୍ ବହିଦାର୍ ପ୍ରତିମୂର୍ତି ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁରୀ ଭାଷାର୍ ମହାନ୍ କବି ସତ୍ୟନାରାୟଣ୍ ବହିଦାର୍‌ଙ୍କର୍ ପ୍ରତିମୂର୍ତି ଆଏଜ୍ ସଖାଲର୍ ସାଢ଼େ ୧୦ ବଜେ ଜେଲ୍‌ଛକ୍ ପାଖେ ଉନ୍ମୋଚିତ ହେବା । କେନ୍ଦ୍ର କୁଇଲା ଆଉ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ପ୍ରତିମୂର୍ତିର୍ ଉନ୍ମୋଚନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସିଆର୍‌ପିଏଫ୍ ଥାପ୍‌ନା ଦିବସ୍ ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବାହିନୀ- ସିଆର୍‌ପିଏଫ୍‌ର ୪୬ ନମ୍ବର୍ ଥାପ୍‌ନା ଦିବସ୍ ସମ୍ବଲ୍‌ପୁର୍ ଗ୍ରୁପ୍ ସେଂଟର୍ ନ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ସିଆର୍‌ପିଏଫ୍‌ର ଶହୀଦ୍ ଯବାନ୍‌ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନାଯିବାର୍ ସଙ୍ଗେ ସେମାନ୍‌କର୍ ପରିବାର୍ ଲୁକ୍‌କୁ ଅଭିନନ୍ଦିତ କରାଯାଇଥିଲା ।

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ-କର୍ମଶାଳା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ନ ଯୌନ ଉତ୍ପୀଡ଼ନ ପ୍ରତିହତ ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ । ହେଥି ଭୁବ୍‌ନେଶ୍ୱର୍ ବକ୍ସି ଜଗବନ୍ଧୁ ବିଦ୍ୟାଧର୍ କଲେଜ୍‌ର ଅଧ୍ୟାପକ ଡକ୍ଟର୍ ଝରଣା ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇକରି କାମ୍ ଜାଗା ନ ଯୌନ ଉତ୍ପୀଡ଼ନକେ ପ୍ରତିହତ କର୍‌ବାର୍ ସାଙ୍ଗେ ମହିଳା ମାନ୍‌କର୍ ସୁରକ୍ଷା ଆଉ ସମ୍ମାନ୍ ବାବ୍‌ଦେ କହିଥିଲେ ।

ନୂଆପଡ଼ା-ଆଇନ୍‌ସେବା ପ୍ରାଧିକରଣ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଝନେ ଛୋଟ୍‌ଛୁଆକେ ୫ ଲାଖ୍ ଟଙ୍କାର୍ ଆର୍ଥିକ୍ ସାହାଜ୍ ଦିଆଯାଇଛେ । ଛୁଆର୍ ବାପା ତାଙ୍କର୍ ପତ୍ନୀକେ ହତ୍ୟା କରିକରି ଜେଲ୍ ନ ଥିବାର୍‌ନୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ର ସଚିବ ନବନୀତା ଦାସ ଛୁଆକେ ସହାୟତା ରାଶି ବାବଦ୍ ଚେକ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଥିବାର୍ ବେଲେ ଆଏବା ୩୧ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ହେଥିର୍‌ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ତର୍‌ଫୁ ଭିଲ୍ ସବୁ ଜିଲ୍ଲା ପ୍ରଶାସନ୍‌କେ ସତର୍କ କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏବାକାଏଲ୍ ସଖାଲ୍‌ତକ୍ ପଶ୍ଚିମଓଡ଼ିଶାର୍ ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଆର୍ ନୂଆପଡ଼ା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେଇପାରେ ।